# ବ୍ରିଟିଶ୍ ସମୟଠାରୁ ଶ୍ରୀମନ୍ଦିରର ପ୍ରଶାସନିକ ଇତିହାସ

● ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର

୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ବ୍ରିଟିଶ୍ ସାମ୍ରାଜ୍ୟଭୁକ୍ତ ହେଲା । କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ନିର୍ଦ୍ଦିଷ୍ଟ ଭାବରେ ୧୮୦୬ ମସିହାରେ ସରକାର ଚିନ୍ତାକଲେ । ୧୮୦୬ ମସିହାରେ ପ୍ରଣୀତ ରେଗୁଲେସନ୍ - ୪ ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ "Collector, Pilgrim Tax" ଙ୍କ ଦ୍ୱାରା ମନୋନୀତ ଏବଂ ସରକାରଙ୍କ ଦ୍ୱାରା ନିଯୁକ୍ତ ତିନିଜଣ ପଣ୍ଡିତଙ୍କ ଉପରେ ନ୍ୟସ୍ତ କରାଗଲା । ପୁରୀ ରାଜାଙ୍କୁ ଗୌଣ ପ୍ରାଧାନ୍ୟ ଦେଇ ଏ ପ୍ରକାର ବ୍ୟବସ୍ଥା ସୃଷ୍ଟି ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଠିକ୍ ରୂପେ ଚାଲିପାରିଲା ନାହିଁ । ୧୮୦୯ ମସିହାରେ ପ୍ରଣୀତ ରେଗୁଲେସନ୍-୪ରେ ଉପରୋକ୍ତ ବ୍ୟବସ୍ଥା ଲୋପ କରାଯାଇ ରାଜାଙ୍କୁ କ୍ଷମତା ପ୍ରତ୍ୟର୍ପଣ କରାଗଲା । ସେ ଉତ୍ତରାଧିକାରୀ ସତ୍ତ୍ୱେ ଶ୍ରୀମନ୍ଦିର ପରିଚାଳକ (Superintendent) ଭାବେ ନିଯୁକ୍ତ ହେଲେ । ରାଜାଙ୍କର ସ୍ୱେଚ୍ଛାଚାରିତା କିମ୍ବା କ୍ଷମତାର ଅପବ୍ୟବହାରକୁ ରୋକିବା ପାଇଁ ମନ୍ଦିରର ତିନିଜଣ ମୁଖ୍ୟ ସେବାୟତଙ୍କୁ ନେଇ ଏକ କମିଟି ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଲେ । ଯଦି କୌଣସି ସମୟରେ ଶ୍ରୀମନ୍ଦିର ପ୍ରଥା ପରମ୍ପରା ଉଲ୍ଲଂଘନ କରି ରାଜା କୌଣସି ଆଦେଶ ଦିଅନ୍ତି, ତାହା ସିଧାସଳଖ ସରକାରଙ୍କୁ ଜଣାଇବା ପାଇଁ ଉକ୍ତ କମିଟିକୁ କ୍ଷମତାପନ୍ନ କରାଗଲା । ସରକାରଙ୍କ ବିନା ଆଦେଶରେ ଏହି କମିଟିର କୌଣସି ସଭ୍ୟଙ୍କୁ ରାଜା ବରଖାସ୍ତ କରି ନ ପାରିବା ପାଇଁ ବ୍ୟବସ୍ଥା ରହିଲା । ଏହି ଦ୍ୱୈତ ପ୍ରଶାସନ ପଦ୍ଧତି ଖୁବ୍ ଭଲକାମ କରିଥିଲା । ପ୍ରକୃତରେ ଏହି ତିନିଜଣ ସଦସ୍ୟବିଶିଷ୍ଟ କମିଟି ପ୍ରଶାସନର ଅଧିକାଂଶ ସମସ୍ୟା ରାଜାଙ୍କ ଅନୁମୋଦନ କ୍ରମେ ସମାଧାନ କରିପାରୁଥିବାରୁ ଉଭୟଙ୍କ ମଧ୍ୟରେ କୌଣସି ସଂଘର୍ଷ ଉପୁଜି ନଥିଲା । ଏହି ଦ୍ୱୈତ ପଦ୍ଧତିରେ ସୁଶାସିତ ଶ୍ରୀମନ୍ଦିର ବ୍ୟବସ୍ଥାରେ ସନ୍ତୁଷ୍ଟ ହୋଇ ଏବଂ ଖ୍ରୀଷ୍ଟିୟାନ୍ ମିଶନାରୀମାନଙ୍କର ସମାଲୋଚନା ହେତୁ ୧୮୪୦ ଖ୍ରୀଷ୍ଟାବ୍ଦରେ ଏକ ଆଇନ୍ ପ୍ରଣୀତ ହେଲା ।

ଏହାଦ୍ୱାରା ବ୍ରିଟିଶ ସରକାର ଶ୍ରୀମନ୍ଦିର ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଶ୍ରୀମନ୍ଦିର ଓ ତତ୍‌ସଂଲଗ୍ନ ଦେବୋତ୍ତର ସମ୍ପତ୍ତିର ପରିଚାଳନା ପାଇଁ ରାଜାଙ୍କୁ ସର୍ବୋଚ୍ଚ କ୍ଷମତା ଦେଇଥିଲେ । ଏହି ଆଇନ୍‌ରେ ରାଜା ଅସମର୍ଥ କିମ୍ବା ଅପାରଗ ହେଲେ ତାଙ୍କୁ ବହିଷ୍କାର କରିବାର କୌଣସି କ୍ଷମତା ରହିଲା ନାହିଁ ।

୧୮୫୫ ମସିହାରେ ଦୁଇଟି ଦୁର୍ଘଟଣା ବିଷୟ ପୁରୀ ମାଜିଷ୍ଟ୍ରେଟ୍ ଜାଣିବାକୁ ପାଇଲେ । ପ୍ରଥମ ଦୁର୍ଘଟଣାରେ ତିନିଜଣ ପୁରୁଷ ଓ ଚାରିଜଣ ସ୍ତ୍ରୀ ସିଂହଦ୍ୱାରଠାରେ ଦଳାଚକଟାରେ ମରିଥିଲେ । ଦ୍ୱିତୀୟ ଘଟଣାଟିରେ ରଥଚକ ତଳେ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଦୁଇଜଣ ଗୁରୁତର ଭାବରେ ଆହତ ହୋଇଥିଲେ । ପରିଣତି ସ୍ୱରୂପ ତୀର୍ଥଯାତ୍ରୀମାନଙ୍କର ସୁରକ୍ଷା ପାଇଁ ବାର୍ଷିକ ୬୮୦୪ ଟଙ୍କା ବ୍ୟୟରେ ଏକ ପୋଲିସ୍ ବ୍ୟବସ୍ଥା (Police Establishment) ସୃଷ୍ଟି କରାଗଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଖ୍ରୀଷ୍ଟିୟାନ୍ ସରକାର ବିଗ୍ରହ ପୂଜିତ ହିନ୍ଦୁ ମନ୍ଦିରକୁ ଆର୍ଥିକ ଅନୁଦାନ ଦେଉଥିବାରୁ ଖ୍ରୀଷ୍ଟିୟାନ୍ ମିଶନାରୀମାନେ ଉତ୍କଟ ସମାଲୋଚନା କରିଥିଲେ । ତା'ଫଳରେ ସରକାର ଏହି ଆର୍ଥିକ ଅନୁଦାନର ଅନୁରୂପ ରାଜସ୍ୱ ଆଦାୟ ହେଉଥିବା ଭୂ-ସମ୍ପତ୍ତିକୁ ରାଜାଙ୍କୁ ହସ୍ତାନ୍ତର କରିବା ପାଇଁ ଏକ ଚୁକ୍ତି ୧୮୬୩ ମସିହା ମାର୍ଚ୍ଚ ୩୦ ତାରିଖରେ ଜିଲ୍ଲାପାଳ (Officiating Collector) ଟି.ବି. ମାକ୍‌ଟିୟର୍ (T.B. Mactier) ଓ ସୂର୍ଯ୍ୟମଣି ପାଟମହାଦେଈଙ୍କ ମଧ୍ୟରେ ସମ୍ପାଦିତ ହେଲା । ଏହା ଏକ ଐତିହାସିକ ଦଲିଲ୍ ଏବଂ ଏଥିରେ ଶ୍ରୀମନ୍ଦିରର ସରକାରୀ ଅନୁଦାନ ସମ୍ବନ୍ଧରେ ସବିଶେଷ ତଥ୍ୟ ରହିଛି । ଏଥିରେ ଥିବା ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ଶ୍ରୀମନ୍ଦିରର ବାର୍ଷିକ ବ୍ୟୟ ୧୮୪୦ ଆଇନ୍ ପ୍ରଣୀତ ହେବା ପୂର୍ବରୁ ୫୩୦୦୦ ଥିଲା । ଏହା ସରକାର ଦେଉଥିଲେ ଏବଂ ଏଥିପାଇଁ ତୀର୍ଥଯାତ୍ରୀଙ୍କର ଉପରେ ଏକ କର ଧାର୍ଯ୍ୟ ହୋଇଥିଲା । ୧୮୪୦ ଆଇନରେ ତୀର୍ଥଯାତ୍ରୀ କରକୁ ଉଚ୍ଛେଦ କରାଯାଇଥିଲା ।

ତୀର୍ଥଯାତ୍ରୀ କର ଉଚ୍ଛେଦ ହେବାପରେ ଏବଂ ରାଜାଙ୍କୁ ସର୍ବୋଚ୍ଚ ପ୍ରଶାସନିକ ଦାୟିତ୍ୱ ଦିଆଯିବା ପରେ ଉପରୋକ୍ତ ଅନୁଦାନ ଅପରିବର୍ତ୍ତିତ ରହିଥିଲା । ବ୍ରିଟିଶ୍ ଶାସନ ଆସିବା ପରେ ଶ୍ରୀମନ୍ଦିରର ଅଧିକାଂଶ ଦେବୋତ୍ତର ସମ୍ପତ୍ତି ବ୍ରିଟିଶ୍ ପରିଚାଳନାଧୀନ ହୋଇଥିଲା । ୧୮୪୩ ମସିହାରେ ବାର୍ଷିକ

ଭୂରାଜସ୍ୱ ୧୭,୪୨୦ ଟଙ୍କା ଆଦାୟ ହେଉଥିବା ସତେଇଶି ହଜାର ମାହାଲକୁ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ପୂର୍ବରୁ ଦିଆଯାଉଥିବା ସରକାରୀ ଅନୁଦାନ (୫୩୦୦୦) କୁ ୩୫୬୩୮ ଟଙ୍କା - ୭ ଅଣା - ୬ ପାହୁଲାକୁ କମାଇ ଦିଆଯାଇଥିଲା ।

୧୯୪୫ ମସିହାରେ ଶ୍ରୀମନ୍ଦିରର ଆୟ ଓ ବ୍ୟୟ ସଂପର୍କରେ ଏକ ତଦନ୍ତ କରାଯିବା ଫଳରେ ଜଣାଗଲା ଯେ, ରାଜା ପୂର୍ବତନ ରାଜାଙ୍କ ଦ୍ୱାରା ଦିଆଯାଇଥିବା ଦାନ ସମ୍ପତ୍ତିରୁ ପ୍ରତ୍ୟକ୍ଷ ଆୟ ପାଉଛନ୍ତି । ତୀର୍ଥଯାତ୍ରୀ କର ଉଚ୍ଛେଦ ହେବା ପରେ ସରକାରଙ୍କୁ ୩୫୬୩୮ ଟଙ୍କା ଦେବା ଯଥାର୍ଥ ନୁହେଁ ବୋଲି ଦର୍ଶାଇ ସରକାରୀ ଅନୁଦାନକୁ ୨୩,୩୨୧ ଟଙ୍କାକୁ ହ୍ରାସ କରାଯାଇଥିଲା । ପୂର୍ବ ବର୍ଣ୍ଣିତ ମତେ ୧୮୫୬ ମସିହାରେ ଦୁର୍ଘଟଣା ହେତୁ ୬୮୦୪ ଟଙ୍କାରେ ଏକ ପୋଲିସ୍ ପ୍ରତିଷ୍ଠାନ ସୃଷ୍ଟି ହୋଇଥିବାରୁ ପୂର୍ବରୁ ଦିଆଯାଉଥିବା ସରକାରୀ ଅନୁଦାନକୁ ୧୬,୫୧୭ ଟଙ୍କାକୁ କମାଇ ଦିଆଯାଇଥିଲା ।

୧୮୫୯ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ରାଜାଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କ will ରେ ତାଙ୍କ ବିଧବା ସ୍ତ୍ରୀ ସୂର୍ଯ୍ୟମଣି ପାଟମହାଦେଈ ନାବାଳକ ପୋଷ୍ୟପୁତ୍ର ତରଫରୁ ମନ୍ଦିର ପରିଚାଳନା କରିବେ ବୋଲି ଉଲ୍ଲେଖ ଥିଲା । ଏହି will ବ୍ୟବସ୍ଥାକୁ ସମ୍ମାନ ଦେଖାଇ ବ୍ରିଟିଶ୍ ସରକାର ଶ୍ରୀମନ୍ଦିର ପରିଚାଳନା Court of wards ଦ୍ୱାରା ନ କରିବା ପାଇଁ ସ୍ଥିର କଲେ । କିନ୍ତୁ ଏହି ସମୟ ମଧ୍ୟରେ ମନ୍ଦିର ପରିଚାଳନାରେ ଚରମ ବିଶୃଙ୍ଖଳା ଦେଖା ଯାଇଥିଲା ଏବଂ ଶ୍ରୀମନ୍ଦିର ନ୍ୟାସ ପାଣ୍ଠି (Trust Fund) ର ବିପୁଳ ଅପଚୟ ଘଟିଥିଲା । ଆଶା କରାଯାଉଥିଲା ଯେ, ନାବାଳକ ରାଜା ପ୍ରାପ୍ତବୟସ୍କ ହେଲେ ମନ୍ଦିର ପରିଚାଳନାରେ ଉନ୍ନତି ଘଟିବ । କିନ୍ତୁ ରାଜା ମନ୍ଦିର ପରିଚାଳନାରେ କୌଣସି ଆଗ୍ରହ ପ୍ରକାଶ ନ କରିବାରୁ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଲା । ଏହିପରି ଏକ ଘଡ଼ିସନ୍ଧି ସମୟରେ ୧୮୭୭ ଖ୍ରୀଷ୍ଟାବ୍ଦର ଗୋବିନ୍ଦ ଦ୍ୱାଦଶୀରେ ଦଳାଚକଟାରେ ଅନେକ ଲୋକଙ୍କର ପ୍ରାଣହାନି ଘଟିଥିଲା । ୧୮୭୮ ମସିହାରେ ଉକ୍ତ ରାଜା ଦିବ୍ୟସିଂହ ଦେବ ଏକ ନରହତ୍ୟା କଲେ ଓ ସେହି ଅପରାଧରେ ରାଜାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଆଦେଶ ହୋଇ କଳାପାଣି ଆଣ୍ଡାମାନ୍‌ଦ୍ୱୀପକୁ ପଠାଗଲା । ଏହା ଫଳରେ ଏକ ପ୍ରଶାସନିକ ସଙ୍କଟ ଦେଖାଦେଲା । କାରଣ ୧୮୪୦ ଆଇନ୍ ଅନୁଯାୟୀ ରାଜାଙ୍କୁ ବହିଷ୍କାର କରିବାପାଇଁ କୌଣସି ବ୍ୟବସ୍ଥା ନଥିଲା । ଏହି ପରିସ୍ଥିତିରେ ଏକ ଆଇନ୍ ପ୍ରଣୟନ କରି ଏକ ଅବୈତନିକ (Honorary) କମିଟି ଏବଂ ଜଣେ ପରିଚାଳକଙ୍କ ଦ୍ୱାରା ମନ୍ଦିର ପରିଚାଳନା କରାଯିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଗଲା । ଭାରତ ସରକାର ଏହା ଅନୁମୋଦନ କଲେ (ଚିଠି ନଂ. ୨୧୯୨-୨୨ ନଭେମ୍ବର, ୧୮୭୯), କିନ୍ତୁ ଯେତେବେଳେ ଏକ ଚିଠା ବିଧେୟକ (Draft Bill) ଭାରତ ସରକାରଙ୍କ ନିକଟକୁ ପଠାଗଲା, ଭାରତ ସରକାର (No. 962. d.11 July 1881) ଏହାକୁ ଅନୁମୋଦନ କରିବା ପାଇଁ ଅନିଚ୍ଛା ପ୍ରକାଶ କଲେ । କାରଣ ସେହି ସମୟରେ କୌଣସି ଦେଶୀୟ ଧାର୍ମିକ ଓ ଦାତବ୍ୟ ସଂସ୍ଥା ବିଷୟରେ କୌଣସି ବିଧେୟକ ସମ୍ଭବ ନୁହେଁ କିମ୍ବା ଉଚିତ୍ ହେବ ନାହିଁ ବୋଲି ସେ ବିଚାର କଲେ (On the ground that under the existing circumstances, legislation in connection with native religious and charitable foundations, in Bengal was neither desirable nor practicable.) ।

ଏହି ବିଷୟ ଉପରେ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ଶେଷରେ ୧୮୪୦ ଆଇନ୍‌କୁ ବାତିଲ୍ କରି ଓ ଦେଓ୍ୱାନୀ ଆଇନ୍‌ର ୫୩୯ ଧାରା ସଂଶୋଧନ କରି ଶ୍ରୀମନ୍ଦିରକୁ ଅନ୍ୟାନ୍ୟ ଧାର୍ମିକ ପ୍ରତିଷ୍ଠାନ ପରି ପରିଚାଳନା କରାଯିବା ପାଇଁ ଚିନ୍ତା କରାଗଲା । ଏ ସମସ୍ତ ଆଇନ୍‌ଗତ ସଂଶୋଧନ ପରେ ଶ୍ରୀମନ୍ଦିର ପରିଚାଳକ (Temple Superintendent) ପଦବୀକୁ ଶୂନ୍ୟ ଘୋଷଣା କରି ନୂତନ Trustee ନିଯୁକ୍ତିର ବ୍ୟବସ୍ଥା କରାଗଲା । ସେଥିପାଇଁ ଏକ ପରିଚାଳନା ଯୋଜନା ବା Scheme of Management ପ୍ରସ୍ତୁତ କରି ତତ୍‌କାଳୀନ ପୁରୀ ଜିଲ୍ଲାପାଳ K.G. Gupta ରେଭିନିଉ ବୋର୍ଡ଼ଙ୍କର ଅନୁମୋଦନ ନିମନ୍ତେ ପଠାଇଲେ । ଏହି ପରିଚାଳନା ଯୋଜନା ଅନୁଯାୟୀ ୫ ଜଣ ସଭ୍ୟ ବିଶିଷ୍ଟ ଏକ Trust Board ଗଠନ କରାଯିବାର ପ୍ରସ୍ତାବ ଦିଆଯାଇଥିଲା ।

ଏହିପରି ଏକ ଅବ୍ୟବସ୍ଥିତ ପ୍ରଶାସନିକ ସଙ୍କଟ ସମୟରେ ୧୮୮୦ ମସିହାରେ ୪/୫ଜଣ ବ୍ୟକ୍ତିଙ୍କର ମୃତ୍ୟୁ ରଥ ଚକ ତଳେ ଚାପି ହୋଇ ହୋଇଥିଲା । ୧୮୮୧ ମସିହାରେ କେତେକ କୁମ୍ଭିପଟିଆ ବାବାଜୀ ଜଗନ୍ନାଥଙ୍କ ବିଗ୍ରହକୁ ପୋଡ଼ିଦେବା ପାଇଁ ଉଦ୍ୟମ କରିବା ଫଳରେ ମନ୍ଦିର ମଧ୍ୟରେ ତୁମୁଳ ଗଣ୍ଡଗୋଳ ହୋଇଥିଲା ଏବଂ ସେଥିରେ ଜଣେ କୁମ୍ଭିପଟିଆ ବାବାଜୀଙ୍କର ମୃତ୍ୟୁ ଘଟିଥିଲା ।

ଏହି ସମୟରେ ଦେଓ୍ୱାନୀ ଆଇନ୍‌ର ୫୩୯ ଧାରା ଅନୁଯାୟୀ ଏକ ମକଦ୍ଦମା ସରକାରଙ୍କ ଦ୍ୱାରା ଦାୟର୍ କରାଗଲା । କିନ୍ତୁ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ତାଙ୍କ

ନାବାଳକ ପୁତ୍ର ମୁକୁନ୍ଦଦେବଙ୍କ ତରଫରୁ ମନ୍ଦିର ପରିଚାଳନା କରୁଥିବାରୁ ଉପରୋକ୍ତ ମୋକଦ୍ଦମାର ଏକ ସମ୍ମାନଜନକ ସାଲିସ୍ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ବାରିଷ୍ଟର ମଧୁବାବୁଙ୍କର ବଳିଷ୍ଠ ଯୁକ୍ତି ଫଳରେ ହାଇକୋର୍ଟ ନିମ୍ନୋକ୍ତ ମତେ ମତ ପ୍ରକାଶ କରିଥିଲେ -

Upon the affidavits before us it does not appear there is any reason for supposing that the property of this endowment is being made away with or wasted in any way. What does appear is that there is a suspicion there might be better management, and it is charged that the managers of this endowment are mismanaging it, but no trace whatever is there of any specific charge of dishonesty or misconduct against them in the sense of dishonesty. If any evidence were produced in the regular suit, it would be of the same character as that embodied in the affidavits which the High Court found so unsatisfactory, and might be considered of little value. As a matter of fact, the local authorities do not at present propose to produce any witnesses in the suit to prove mismanagement as they have found none.

ଶେଷରେ ଉକ୍ତ ଦେୱାନୀ ମକଦ୍ଦମା କେତେକ ସର୍ତ୍ତରେ ଆପୋଷ ରାଜିନାମା ହୋଇ ପ୍ରତ୍ୟାହାର କରାଗଲା । ଏହି ସର୍ତ୍ତଗୁଡ଼ିକ ହେଲା -

(1) That the right of superintendence over the Temple of Jagannath at Puri, which formerly vested under Regulation IX of 1809 and Act. X of 1840 in the Raja of Khurda for the time being, continues in Raja Makhund Deb, but during the minority of the said Raja Makhund Deb, his grand -mother and guardian, Rani Sirjamani, Pattamahadai shall exercise on behalf of the minor the rights of superintendence over the Temple till the minor is of age.

(2) That during such minority, i.e. the period during which the Rani Sirjamani Pattamahadai acts as de facto, Superintendent of the Temple, she shall appoint a competent Manager to manage the affairs of the Temple. That she shall delegate to such Manager all the powers which she exercises over the sevaks of the Temple, provided that the Manager shall not be competent to dismiss any sevak from his office without the sanction of the Rani.

(3) That in case the Rani dismisses a manager, she should appoint another within a reasonable time, failing which the Civil Court shall appoint a competent person to the vacant office.

ତଦନୁଯାୟୀ ୧୮୮୮ ମସିହାରେ କଟକ ଜଜ୍‌କୋର୍ଟର ଶିରସ୍ତାଦାର ହରେକୃଷ୍ଣଦାସଙ୍କୁ ଶ୍ରୀମନ୍ଦିର ପରିଚାଳକ ଭାବେ ନିଯୁକ୍ତି ଦିଆଯାଇଥିଲା ଏବଂ ସେ ୧୮୯୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତା'ପରେ ଜଣେ British I.C.S. officer Mr. Price ଙ୍କୁ ୧୮୯୮ରେ ଏବଂ ୧୯୦୦ ମସିହାରେ ନିଯୁକ୍ତି ଦିଆଯାଇଥିଲା ।

ମନ୍ଦିର ମଧ୍ୟରେ ତୀର୍ଥଯାତ୍ରୀଙ୍କର ଜୀବନ ଓ ସମ୍ପତ୍ତିର ସୁରକ୍ଷା ପ୍ରଧାନ ବିଷୟ ହୋଇଥିବାରୁ ନୀତିଗତ ଭାବରେ ହିନ୍ଦୁ ମନ୍ଦିର ସହିତ କୌଣସି ସମ୍ପର୍କ ନ ରଖିବା ପାଇଁ ବ୍ରିଟିଶ୍ ସରକାର ସ୍ଥିର କରିଥିଲେ ମଧ୍ୟ ବିଭିନ୍ନ ପରିସ୍ଥିତିରେ ବାରମ୍ବାର ମନ୍ଦିର ବିଷୟରେ ମାଜିଷ୍ଟ୍ରେଟ୍‌ଙ୍କୁ ହସ୍ତକ୍ଷେପ କରିବାକୁ ପଡୁଥିଲା ।

ଜଗନ୍ନାଥ ମନ୍ଦିରର ପ୍ରଶାସନିକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଏକ ବିସ୍ତୃତ ଆଇନ୍ ପ୍ରଣୟନ ନିମନ୍ତେ ବ୍ରିଟିଶ୍ ସରକାରଙ୍କ ସମୟରେ ଚାରିଥର ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇ ପାରିନଥିଲା । ୧୮୯୪ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟରେ ଥିବା ବ୍ରିଟିଶ୍ ଇଣ୍ଡିୟାନ୍ ଆସୋସିଏସନ୍ ନାମକ ଏକ ଅନୁଷ୍ଠାନ ଶ୍ରୀମନ୍ଦିର ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ମାରକପତ୍ର ଦେଇଥିଲେ । Sir Charles Elliot ଏକ ଚିଠା ପ୍ରସ୍ତାବ ଭାରତ ସରକାରଙ୍କୁ ଦେଇଥିଲେ । ଏହାକୁ ବିଚାର କରି ଭାରତ ସରକାର ନିମ୍ନୋକ୍ତ ମତେ ମତ ଦେଇଛନ୍ତି ।

"The representations from the British Indian and Indian Associations do not furnish the Govt. of India with any grounds for altering their opinion that the existing law would not be found to

be ineffective if the persons interested were prepared to make a genuine effort to enfore it. Nor do they establish that legislative action is at present advisable or opportune, or satisfy the Governor General in Council, that it is desired by the great body of Hindus in Bengal. (M. Garrets Report. P.-16).

ଶ୍ରୀମନ୍ଦିର ପ୍ରଶାସନରେ କ୍ରମାଗତ ବିଶୃଙ୍ଖଳା, ବାରମ୍ବାର ଦୁର୍ଘଟଣାରେ ଲୋକଙ୍କର ମୃତ୍ୟୁ, ଏବଂ ତୀର୍ଥଯାତ୍ରୀଙ୍କର ଉତ୍କଟ ଅସୁବିଧା ନିରାକରଣ କରିବା ପାଇଁ ବ୍ରିଟିଶ୍ ସରକାର ବହୁବିଧ ଉପାୟ, ତର୍କ, ଆଲୋଚନା ଓ ଆଇନ୍‌ଗତ ସମୀକ୍ଷା କରିବା ପରେ ୧୯୦୨ ମସିହାରେ ଏକ ବିଜ୍ଞପ୍ତି (Resolution No. 5190 - J Judicial date Calcutta, the 5 December 1902) ପ୍ରକାଶ କରିଥିଲେ । ଏଥିରେ ସନ୍ନିବେଶିତ ନିମ୍ନୋକ୍ତ ପଂକ୍ତିମାନ ପ୍ରଣିଧାନଯୋଗ୍ୟ ।

The Commissioner makes two recommendations : (1) that legislation be undertaken on the lines of a Bill which was under consideration in 1881, and which contemplated the establishment of an honorany committee exclusive of the hereditary president, with a manager to be appointed by Government and (2) that pending legislation the magistrate of Puri be formally vested with the control of the police arrangements inside as well as outside the temple, the details of the scheme being settled by a small committee. (Management of the Temple of Jagannath at Puri, 1903, March. M. Garrets Report. P. 65, 2nd Para).

ବ୍ରିଟିଶ୍ ସରକାରଙ୍କ ଦୁଇଗୋଟି ସିଦ୍ଧାନ୍ତ ହେଲା ଯେ, ଶ୍ରୀମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୀତ ହୋଇ ଏକ କମିଟି ହାତରେ ପରିଚାଳନା ଦାୟିତ୍ୱ ଦିଆଯିବ । ଉତ୍ତରାଧିକାରୀ ସତ୍ତ୍ୱେ ଅଧ୍ୟକ୍ଷ ଭାବେ ଗଜପତି ମହାରାଜାଙ୍କୁ ରଖାଯାଇ ଉକ୍ତ କମିଟି କାର୍ଯ୍ୟ କରିବ । ଦ୍ୱିତୀୟତଃ ଜିଲ୍ଲାପାଳଙ୍କୁ ପ୍ରଭୂତ କ୍ଷମତା ଦିଆଯାଇ ଶ୍ରୀମନ୍ଦିରର ଆଇନ୍ ଶୃଙ୍ଖଳା ଦାୟିତ୍ୱ ଦିଆଯିବ । ଉପରୋକ୍ତ ନୀତି ସିଦ୍ଧାନ୍ତ ଅନୁଯାୟୀ ପ୍ରଥମତଃ ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ସହିତ ରାଜିନାମା ଅନୁଯାୟୀ ଜଣେ ମ୍ୟାନେଜରଙ୍କୁ କେବଳ ଧାର୍ମିକ କର୍ତ୍ତବ୍ୟ ବ୍ୟତୀତ ସମସ୍ତ ପ୍ରଶାସନିକ ଦାୟିତ୍ୱ ଦିଆଯିବ । ତଦନୁଯାୟୀ ଡ଼େପୁଟି ମ୍ୟାନେଜର ଶ୍ରୀ ରାଜକିଶୋର ଦାସଙ୍କୁ ୧୯୦୩ ମସିହାରେ ପ୍ରଥମ ନିଯୁକ୍ତି ଦିଆଗଲା । ସେ ୧୯୧୧ ମସିହା ପର୍ଯ୍ୟନ୍ତ ରହିଲେ । ତା'ପରେ ଅର୍ଥାତ୍ ୧୯୨୬ ମସିହା ପର୍ଯ୍ୟନ୍ତ ବାଳମୁକୁନ୍ଦ କାନୁନ୍‌ଗୋ, ସଖିଚାନ୍ଦ ଇତ୍ୟାଦି ମ୍ୟାନେଜରମାନେ ରହିଲେ । ୧୯୨୬ ମସିହାରେ ରାଜା ମୁକୁନ୍ଦ ଦେବଙ୍କର ଦେହାନ୍ତ ପରେ ତାଙ୍କ ପୋଷ୍ୟପୁତ୍ର ପାଟ୍‌ନା ହାଇକୋର୍ଟର ଏକ ଡ଼ିଗ୍ରି ମୁତାବକ ରାଜ୍ୟଭାର ଗ୍ରହଣ କଲେ । ସେ ମ୍ୟାନେଜର ପଦବୀ ଉଠେଇ ଦେଇ ତାଙ୍କ ନିଜ ମନୋନୀତ ଦେଓ୍ୱାନ୍ ନିଯୁକ୍ତ କରି ଶ୍ରୀମନ୍ଦିର ପ୍ରଶାସନ ଚଳାଇଲେ । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନିକ ବ୍ୟବସ୍ଥାର ବିଶେଷ କିଛି ପରିବର୍ତ୍ତନ ନହେବାରୁ ସରକାରଙ୍କର ହସ୍ତକ୍ଷେପ କରିବାର ଆବଶ୍ୟକତା ଉପୁଜିଲା । ତେଣୁ ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୀତ ହେଲା । ଏହି ଆଇନ୍‌ର ଆବଶ୍ୟକତା ଏହାର ମୁଖବନ୍ଧରେ ବର୍ଣ୍ଣିତ ଅଛି ।

ଉକ୍ତ ଆଇନ୍‌କୁ ରଦ୍ଦ କରିବା ପାଇଁ ଦୁଇଟି କାରଣ ଦର୍ଶାଇ ଗଜପତି ମହାରାଜା ବିରୋଧ କଲେ । ପ୍ରଥମତଃ ଉତ୍କଳର ଗଜପତିମାନେ ଏହି ମନ୍ଦିର ସ୍ଥାପନ କରିଥିବାରୁ ସେଥିରେ ସେମାନଙ୍କର ବ୍ୟକ୍ତିଗତ ମାଲିକାନାକୁ ସ୍ୱୀକାର କରିବାକୁ ପଡ଼ିବ । ଦ୍ୱିତୀୟତଃ ହିନ୍ଦୁ ଦେବୋତ୍ତର ଆଇନ୍ ଭଳି ଏକ ସାଧାରଣ ଆଇନ୍ ଥିବା ବେଳେ ଶ୍ରୀମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଆଇନ୍‌ର ଆବଶ୍ୟକତା ନାହିଁ । କିନ୍ତୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଶ୍ରୀମନ୍ଦିରକୁ ଏକ ସର୍ବସାଧାରଣ ଜାତୀୟ ମନ୍ଦିର ଭାବେ ଘୋଷଣା କଲେ ଏବଂ ଏହି ମନ୍ଦିରର ପ୍ରାଧାନ୍ୟ ଏବଂ ବୈଶିଷ୍ଟ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର ଆଇନ ପ୍ରଣୟନ ଯଥାର୍ଥ ବୋଲି ମତ ଦେଲେ । ଏହି ସିଦ୍ଧାନ୍ତ ଅନୁଯାୟୀ ୨୭.୧୦.୧୯୬୦ରେ ଏକ କମିଟି ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ଗ୍ରହଣ କଲେ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୪ ଜଣ ପ୍ରଶାସକ ନିଯୁକ୍ତି ପାଇଲେଣି ।

❒❒❒

**ସଂପାଦକ**
**ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର**
**ନିର୍ମାଲ୍ୟ ଭବନ**
**ସର୍ବୋଦୟ ନଗର, ପୁରୀ - ୨**